## ସଂକ୍ଷେପରେ

### 'କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ପୁଅଙ୍କୁ ଜାମିନ ଭାଜପାର ଦୋମୁହାଁ ନୀତିର ପ୍ରତିଫଳନ'

ଭୁବନେଶ୍ୱର,୧୦।୨(ବ୍ୟୁରୋ): ଉତ୍ତର ପ୍ରଦେଶ ଲଖିମପୁର ଖେରି ଚାଷୀ ଗଣହତ୍ୟା ଘଟଣାରେ ତଦନ୍ତ ନିରପେକ୍ଷତା ନେଇ ପ୍ରଧାନମନ୍ତ୍ରୀ ବୁଧବାର ଜାତୀୟ ଗଣମାଧ୍ୟମ ସଂସ୍ଥା ଏଏନ୍ଆଇ ଦ୍ୱାର ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏହାର ଗୋଟିଏ ଦିନ ପରେ ଅଭିଯୁକ୍ତ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଜାମିନ ମିଳିବା ଭାଜପାର ଦୋମୁହାଁ ନୀତିର ପ୍ରତିଫଳନ ବୋଲି ସାମଜବାଦୀ ପାର୍ଟି ଅଭିଯୋଗ ଆଣିଛି। ଉତ୍ତରପ୍ରଦେଶ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଆଶିଷଙ୍କ ଭଳି ହତ୍ୟାକାରୀଙ୍କୁ ଜାମିନରେ ଆଣିଛି ବୋଲି କୁହାଯାଇଛି। ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆନ୍ଦୋଳନରତ କୃଷକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିବା ଏକ ବିରଳ ଘଟଣା। ଭାଜପା କେଉଁଭଳି ପାରଦର୍ଶୀତାର ସହିତ କାମ କରୁଛି, ତାହା ଆଜିର ଆଶିଷ ମିଶ୍ରଙ୍କୁ ଜାମିନ ମିଳିବା ଘଟଣାରୁ ସ୍ପଷ୍ଟ ଅନୁମେୟ ହେଉଛି। ଭାଜପାର ଏହି ଦୋମୁହାଁ ନୀତି ବିରୋଧରେ ଚାଷୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ଆଉଏକ ବୃହତ୍ତର ସଂଗ୍ରାମର ଆବଶ୍ୟକତା ରହିଛି। ସେଥିପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଚାଷୀଙ୍କ ସଂଗ୍ରାମକୁ ସମର୍ଥନ ଦେଉଥିବା ସମସ୍ତ ରାଜନୈତିକ ଦଳ ଆଗେଇ ଆସିବାକୁ ବେହେରା ଆହ୍ୱାନ କରିଛନ୍ତି।

### ବିଜ୍ଞାନ ଲେଖକ ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ାଙ୍କୁ ଜାତୀୟ ପୁରସ୍କାର

ଭୁବନେଶ୍ୱର,୧୦।୨(ବ୍ୟୁରୋ): ୨୦୨୧ ପାଇଁ ଜନପ୍ରିୟ ବିଜ୍ଞାନ ଲେଖକ ଭାବେ ଜାତୀୟ ପୁରସ୍କାର ପାଇବେ ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା। କେନ୍ଦ୍ର ସରକାରଙ୍କ



ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର 'ନ୍ୟାଶନାଲ କାଉନ୍ସିଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି କମ୍ୟୁନିକେଶନ' ବିଭାଗ ପକ୍ଷରୁ ବିଜ୍ଞାନକୁ ଜନପ୍ରିୟ କରୁଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ ପ୍ରତିବର୍ଷ ଜାତୀୟ ବିଜ୍ଞାନ ଦିବସ ଅବସରରେ ପୁରସ୍କୃତ କରାଯାଇଥାଏ। ଚଳିତ ମାସ ୨୮ରେ ଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯିବ। ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ। କେନ୍ଦ୍ରାପଡ଼ା ଜିଲା ଯମପଡ଼ାରେ ଜନ୍ମିତ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପରିଡ଼ା ଦୀର୍ଘ ୫୫ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଲେଖା ମାଧ୍ୟମରେ ବିଜ୍ଞାନକୁ ଜନପ୍ରିୟ କରିଆସୁଛନ୍ତି। ଇତି ମଧ୍ୟରେ ସେ ଓଡ଼ିଆ ଏବଂ ଇଂଲିଶରେ ୧୦୨ ପୁସ୍ତକ ଏବଂ ୩ ହଜାରରୁ ଅଧିକ ଲେଖା ପ୍ରକାଶ କରିଛନ୍ତି। ସେଥିପାଇଁ ତାଙ୍କୁ ଓଡ଼ିଶା ବିଜ୍ଞାନ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସର୍ବଭାରତୀୟ ଜନ ବିଜ୍ଞାନ କଂଗ୍ରେସ ସମେତ ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି।

# ଦୁର୍ଦ୍ଦାନ୍ତ ଅପରାଧୀ କିଶୋର କୁମାର ଗିରଫ

ଭୁବନେଶ୍ୱର,୧୦।୨(ବ୍ୟୁରୋ)





ଅଭିଯୁକ୍ତ କିଶୋର କୁମାର ମହାରଣା। ଜବତ ପିସ୍ତଲ ଓ ଗୁଳି।

- ଗୋଟିଏ ପିସ୍ତଲ, ୫ ରାଉଣ୍ଡ ଗୁଳି ଜବତ
- ଚଣ୍ଡିଖୋଲ ବଜାରରେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିଲେ
- ୭ ବର୍ଷ ଧରି ଫେରାର ଥିଲେ, ଏବେ ଜେଲ ଗଲେ

ଚଣ୍ଡିଖୋଲ ବଜାରରେ ଏକ ହତ୍ୟା ମାମଲାରେ ଫେରାର ଥିବା ଜଣେ ହାର୍ଡକୋର୍ ଅପରାଧୀଙ୍କୁ ଗୁରୁବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୭ ବର୍ଷ ପରେ କଟକରୁ ଗିରଫ କରିଛି। ସେ ହେଲେ କଟକ ଜିଲା ସଦର ଥାନା ଅଞ୍ଚଳର କିଶୋର କୁମାର ମହାରଣା। ତାଙ୍କଠାରୁ ଗୋଟିଏ ପିସ୍ତଲ, ୫ ରାଉଣ୍ଡ ଗୁଳି ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। କିଶୋରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ଏସ୍‌ଟିଏଫ୍‌ରେ ମାମଲା (ନଂ.୦୬/୨୦୧୪) ରହିଥିବାବେଳେ କେନ୍ଦ୍ରାପଡ଼ା ଥାନାରେ ଆଉ ଏକ ମାମଲା (ନଂ.୧୩୭/୨୦୧୫) ରହିଛି। ଏସ୍‌ଟିଏଫ୍ ଏସ୍‌ପି ତେଜରାଜ ପଟେଲ କହିଛନ୍ତି, କିଶୋର ଜଣେ ହାର୍ଡକୋର୍ ଅପରାଧୀ। ସେ ସବୁବେଳେ ବନ୍ଧୁକରେ ଖେଳେ ଓ ଅପରାଧ ମଧ୍ୟ ଘଟାଏ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୪ ମେ ୧୭ରେ କିଶୋର ତାଙ୍କ ୨ ସହଯୋଗୀଙ୍କ ସହ ମିଶି ଯାଜପୁର ଜିଲା ବଡ଼ଚଣା ଥାନା ସୁଙ୍ଗୁଡ଼ା ଗ୍ରାମର ଦୀପକ ନାଏକଙ୍କୁ ଚଣ୍ଡିଖୋଲ ବଜାରରେ ଗୁଳିକରି ହତ୍ୟା କରିଥିଲେ। ଏସ୍‌ଟିଏଫ୍ ହତ୍ୟା ଓ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୦୬/୨୦୧୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତ ପରେ ଏସ୍‌ଟିଏଫ୍ କିଶୋରଙ୍କୁ ପଳାତକ (ଆବସ୍କଣ୍ଡର) ଦର୍ଶାଇ ମୋଟ ୩ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ମାମଲାର ଅନ୍ୟତମ ଅଭିଯୁକ୍ତ ଶେଷଦେବ ସ୍ୱାଇଁ ଓରଫ୍ ବୁବା ଗିରଫ ହୋଇ ଜେଲ୍‌ରେ ଥିବାରୁ ଯାଜପୁର ଜିଲା ଦୌରାଜଜ୍ ତାଙ୍କର ଶୁଣାଣି କରି ଦଣ୍ଡାଦେଶ ଦେଇଥିବାବେଳେ ମୁଖ୍ୟ ଅଭିଯୁକ୍ତ କିଶୋରଙ୍କ ମାମଲା ଏବେ ବିଚାରାଧୀନ ରହିଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ୨୦୨୦ରୁ ଚୋରା ବନ୍ଧୁକ କାରବାର ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି। ଏହି ଅଭିଯାନରେ ୬୮ଟି ବନ୍ଧୁକ ସହ ୧୪୬ ଗୁଳି ଜବତ କରାଯାଇଥିବା ଏସ୍‌ଟିଏଫ୍ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି।

# ମା'ଙ୍କୁ କାନ୍ଧଦେଇ ଅନ୍ତିମ ସଂସ୍କାର କଲେ ୬ ଝିଅ

ସମ୍ବଲପୁର,୧୦।୨(ବ୍ୟୁରୋ)

ମା'ଙ୍କୁ କାନ୍ଧଦେଇ ଝିଅମାନେ ଅନ୍ତିମ ସଂସ୍କାର କରାଇବା ଘଟଣା ଗୁରୁବାର ସମ୍ବଲପୁର ସହରରେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁସାରେ ହୀରାକୁଦ ହିଣ୍ଡାଲ୍‌କୋ କମ୍ପାନୀରେ କାର୍ଯ୍ୟରତ ଥିବା ଭୁବନ ସାହୁଙ୍କ ୨୦୦୫ରେ ଦେହାନ୍ତ ହୋଇଯାଇଛି। ଭୁବନଙ୍କ ପରଲୋକ ଘଟିବା ପରେ ସ୍ତ୍ରୀ ଶ୍ରୀମତୀ ସାହୁ ୬ ଝିଅଙ୍କ୍ୱାଇଁଙ୍କ ଘରେ ପ୍ରତିପାଳିତ ହେଉଥିଲେ। ସମ୍ବଲପୁର ଗୁଜରାଟୀ କଲୋନୀରେ ତାଙ୍କର ଜଣେ ଝିଅଘରେ ରହୁଥିବା ଶ୍ରୀମତୀଙ୍କର ଗୁରୁବାର ୮୦ବର୍ଷ ବୟସରେ ପରଲୋକ ଘଟିଥିଲା। ତାଙ୍କର ଏକମାତ୍ର ପୁଅ ବାହାରେ ରହୁଥିବାବେଳେ କୌଣସି କାରଣରୁ ଆସି ନ ପାରିବାରୁ ଛଅ ଝିଅ ସୁଶୀଳା, ନିର୍ମଳା, ଊର୍ମିଳା, ଶର୍ମିଳା, ପ୍ରମିଳା ଓ ସୁନୀଳା ମା'ଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରିବାକୁ ମନସ୍ଥ କରିଥିଲେ। ସେମାନେ ମୃତଦେହକୁ ସବାରିରେ ରଖି କାନ୍ଧରେ ବୋହି ମହାନଦୀର ରାଜଘାଟ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସମ୍ବଲପୁର ଚଷା ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବନ୍ଧୁପରିଜନ ଶ୍ରୀମତୀଙ୍କୁ ଅଶ୍ରୁଳ ବିଦାୟ ଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଖାଲି ଏତିକି ନୁହେଁ, ସମାଜ ବ୍ୟବସ୍ଥା ଓ କୁଳ ରୀତି ମତେ ଛଅ ଭଉଣୀ ଏକାଠି ମା'ଙ୍କ ଶୁଦ୍ଧିକ୍ରିୟା କରିବାକୁ ସଂକଳ୍ପ ନେଇଛନ୍ତି। ଝିଅମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ସାମାଜିକ ଦାୟିତ୍ୱବୋଧକୁ ସବୁସ୍ତରର ଲୋକେ ପ୍ରଶଂସା କରିଛନ୍ତି।



ମା'ଙ୍କ ମୃତ ଦେହକୁ କାନ୍ଧରେ ବୋହି ନେଉଛନ୍ତି ୬ ଝିଅ।

# ଭିଜିଲାନ୍ସ ଜାଲରେ କୋଟିପତି ବନାଞ୍ଚଳ ଅଧିକାରୀ

ଫୁଲବାଣୀ ଅଫିସ/ କ.ନୂଆଗାଁ/ ବାଲିଗୁଡ଼ା(ଡି.ଏନ୍.ଏ.)୧୦।୨

କନ୍ଧମାଳ ଜିଲା କ.ନୂଆଗାଁ ବନାଞ୍ଚଳ ଅଧିକାରୀ ବୈରାଗୀ ଚରଣ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ତାଙ୍କ ଘର, ସମ୍ପର୍କୀୟଙ୍କ ଘର ଓ କାର୍ଯ୍ୟାଳୟରେ ଏକକାଳୀନ କନ୍ଧମାଳ, ବୌଦ୍ଧ ଏବଂ ଗଞ୍ଜାମର ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି । ରେଞ୍ଜର ବେହେରା ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ବିପୁଳ ପରିମାଣର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି । ଫୁଲବାଣୀ ଭିଜିଲାନ୍ସ ଜଜ୍‌ଙ୍କ ଆଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା ।

ବେହେରାଙ୍କ ନାମରେ ପୂର୍ବରୁ ଦୁର୍ନୀତି ଅଭିଯୋଗ ରହିଥିଲା । ଗୁରୁବାର ସକାଳେ ଭିଜିଲାନ୍ସର ଟିମ୍ କ.ନୂଆଗାଁସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ, ବାସଭବନରେ ଚଢ଼ାଉ କରି ଯାଞ୍ଚ ଆରମ୍ଭ କରିଥିଲା । ସେହିପରି ଆଉ ଏକ ଟିମ୍ ବୌଦ୍ଧ ବୁଟୁପାଲିରେ ଥିବା ଘର, ଭଞ୍ଜନଗର ଲଣ୍ଡେଇ ସାହିରେ ଥିବା ଘର, ଅନ୍ୟ ଏକ ଟିମ୍ ଭଞ୍ଜନଗର ଦଦରାଲୁଣ୍ଡାରେ ଥିବା କୁକୁଡା ଫାର୍ମ ସମେତ ୨ ସମ୍ପର୍କୀୟଙ୍କ ବାସ ଭବନରେ ଚଢ଼ାଉ କରିଥିଲେ । ଆକଳନ ବେଳେ ବୈରାଗୀ ଓ ତାଙ୍କ ସଂପର୍କୀୟଙ୍କ ନାମରେ ୧ କୋଟି ୪ ଲକ୍ଷ ୭୧ ହଜାର ୪୯୦ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ଜଣାପଡିଛି । ଲଣ୍ଡେଇ ସାହିରେ ୫୬ ଲକ୍ଷ ୭୫ ହଜାର ୬୪୫ ଟଙ୍କାର ଏକ ତିନି ମହଲା ଗୃହ, ବୁଟୁପାଲିଠାରେ ୯ ଲକ୍ଷ ୭୨ ହଜାର ୯୨ ଟଙ୍କାର ଏକ ଘର ସହିତ ଭଞ୍ଜନଗରଠାରେ ଥିବା କୁକୁଡ଼ା ଫାର୍ମ ୨ ଲକ୍ଷ ୮୦ ହଜାର ୪୦୦ ଟଙ୍କାର ବୋଲି ଜଣାପଡ଼ିଛି । ଏହାବ୍ୟତୀତ ବେହେରା ଓ ତାଙ୍କ ପରିବାର ଲୋକଙ୍କ ନାମରେ ଭଞ୍ଜନଗର, ବ୍ରହ୍ମପୁରଠାରେ ଜାଗା, ୫ ଲକ୍ଷ ୫୨ ହଜାର ୩୭୫ ଟଙ୍କାର ସୁନା ଗହଣା ଓ ୯ ଲକ୍ଷ ୪୨ ହଜାର ୩୯୨ ଟଙ୍କାର ଜୀବନବୀମା ପଲିସି ଥିବା ବେଳେ ବ୍ୟାଙ୍କରେ ୭ ଲକ୍ଷ ୭୬ ହଜାର ୩୩୫ ଟଙ୍କା ଜମା ରହିଛି । ଖବର ଲେଖାଯିବା ସୁଦ୍ଧା ସମ୍ପତ୍ତି ଆକଳନ ଜାରି ରହିଛି । ଚଢ଼ାଉରେ ଦୁର୍ନୀତି ନିବାରଣ ବିଭାଗର ୪ ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ । ବୈରାଗୀ ୧୯୮୭ ମସିହାରେ ଫରେଷ୍ଟ ଗାର୍ଡ ଭାବେ ନିଯୁକ୍ତି ପାଇଥିଲେ । ପରେ ପଦୋନ୍ନତି ପାଇ ରେଞ୍ଜର ହୋଇଥିଲେ । କିଛି ଦିନ ହେବ ସେ କ.ନୂଆଗାଁ ରେଞ୍ଜରେ ଯୋଗ ଦେଇଥିଲେ ।



ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ମନ୍ତ୍ରୀଙ୍କ ପ୍ରଚାର କାର୍ଯ୍ୟକ୍ରମରେ ଯୁକ୍ତିତର୍କ

## ଭାଇରାଲ ଭିଡିଓକୁ ନେଇ ଜୋରଦାର ଚର୍ଚ୍ଚା

ଢେଙ୍କାନାଳ ଅଫିସ,୧୦।୨

ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପ୍ରଚାର କାର୍ଯ୍ୟକ୍ରମ ବେଳେ ଯୁକ୍ତିତର୍କ ହୋଇଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଫଳରେ ଏହା ଢେଙ୍କାନାଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିରୁ ଯାହା ଜଣାପଡୁଛି, ୩ଦିନ ତଳେ ମନ୍ତ୍ରୀ ଢେଙ୍କାନାଳ ସଦର ବ୍ଲକ ଜୋନ୍-୨ର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଝରସ୍ମିତା ଦେହୁରୀଙ୍କ ପାଇଁ ସାଙ୍କୁଲେଇ ପଞ୍ଚାୟତ ଅଞ୍ଚଳରେ ପ୍ରଚାର କରୁଥିବା ବେଳେ ଅଞ୍ଚଳବାସୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ। ମନ୍ତ୍ରୀଙ୍କ ପ୍ରଚାର କାର୍ଯ୍ୟ ଚାଲିଥିବା ସମୟରେ ସେଠାରେ ଉପସ୍ଥିତ ଜଣେ ଶ୍ରମିକ ନେତା ସରପଞ୍ଚ ପ୍ରାର୍ଥୀଙ୍କୁ ଦଳୀୟ ପ୍ରାର୍ଥୀ ବୋଲି କହିବାରୁ ଏ ନେଇ ଲୋକେ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଫଳରେ ବିଜେଡିର କେତେଜଣ କର୍ମୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିସହ ବଳଭଦ୍ରପୁର ଅଞ୍ଚଳରେ ପଞ୍ଚାୟତ ବାହାରର କେତେଜଣ ଲୋକ ବିଜେଡି ପାଇଁ ପ୍ରଚାର କରି ଉତ୍ତେଜନା ସୃଷ୍ଟି କରୁଥିବା ସମ୍ପର୍କରେ ଲୋକମାନେ ମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ପରେ ମନ୍ତ୍ରୀ ସମସ୍ତଙ୍କୁ ବୁଝାଶୁଝା କରି ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ସାରି ଫେରିଥିଲେ। କାର୍ଯ୍ୟକ୍ରମ ବେଳେ ମନ୍ତ୍ରୀଙ୍କ ସହିତ ଥିବା ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର କହିଛନ୍ତି, ସେମିତି କିଛି ଘଟଣା ଘଟିନାହିଁ। ମନ୍ତ୍ରୀ ଉକ୍ତ ଅଞ୍ଚଳରେ ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି, ପ୍ରଚାର ବେଳେ କେଉଁଠାରେ ମଧ୍ୟ ସରପଞ୍ଚଙ୍କ କଥା କହିନାହିଁ। ଯଦି ସରପଞ୍ଚ ପ୍ରାର୍ଥୀଙ୍କୁ ନେଇ କାହା ମଧ୍ୟରେ ଯୁକ୍ତିତର୍କ ହେବ, ସେଥିରେ ମୁଁ କ'ଣ କରିବି। ନିର୍ବାଚନରେ ବାହାର ଲୋକ ପ୍ରଚାର କରିପାରିବେନି ବୋଲି ସେମିତି କିଛି ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।


**JAWAHAR NAVODAYA VIDYALAYA**
**CHAMPATIMUNDA, ANGUL**
**SHORT TENDER NOTICE**

Sealed Tenders are invited from the Registered Firms and Authorized Dealers for supply of Math park items & Furniture to **Jawahar Navodaya Vidyalaya, At/Po- Champatimunda, Via-Hulurusingha, Dist-Angul (Odisha).**

1-The tender forms can be obtained from the Vidyalaya Office from 9.00 hours to 13.00 hours in all working days from 10.02.2022 to 17.02.2022 on payment of Rs.100/- in cash.

2-**The Tender Forms caii also be downloaded from the Vidyalaya website-https://www.navodava.gov.in/nvs/nvs-school/Angul/en/about us/About-JNV/).** In such cases the tenderer/party has to enclose the cost of Tender paper for Rs. 100/- for each item/paper separately in shape of Demand Draft drawn in favour of Principal JNV, Champatimunda, Angul **(Bank of Baroda,badakcra branch IFC code-BARBOBADKER.**

3-The Last Date for receipt of tender documents by Regd./Speed Post/ dropping in Tender Box by 05.00 P.M. of 17.02.2022 & Opening will be at 11.00 A.M. of 18.02.2022.

The undersigned reserves the right to reject any or whole tender without assigning any reason thereof.

**Sd/-PRINCIPAL**


# ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି ବିଭାଗ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

- ଖର୍ଚ୍ଚ, ଫେରସ୍ତ ସମୟ ସୀମା ବଢ଼ିଲା
- ବିନା ଅନୁମୋଦନରେ ଖର୍ଚ୍ଚ କଲେ କାର୍ଯ୍ୟାନୁଷ୍ଠାନ

ଆସନ୍ତା ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ପକ୍ଷରୁ ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ପୂର୍ବରୁ ସମସ୍ତ ବିଭାଗ ଚଳିତ ଆର୍ଥିକ ବର୍ଷର ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜର ବଜେଟ ଅର୍ଥ ଖର୍ଚ୍ଚ କରିବା ସହ ଅବ୍ୟବହୃତ ପାଣ୍ଠି ଫେରାଇବାକୁ ଅର୍ଥ ବିଭାଗ ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ପାଣ୍ଠି ବିନିଯୋଗ ପାଇଁ ୨୦୨୨ ଜାନୁୟାରୀ ୧୫ ଧାର୍ଯ୍ୟ କରାଯାଇଥିବା ବେଳେ ବଳକା ପାଣ୍ଠି ଟ୍ରେଜେରିକୁ ଫେରାଇବା ପାଇଁ ଫେବୃୟାରୀ ୨୮ ଧାର୍ଯ୍ୟ କରାଯାଇଥିଲା। ଏ ନେଇ ବିଭାଗ ପକ୍ଷରୁ ସର୍କୁଲାର ଜାରି କରାଯାଇଥିଲା। ସେହିପରି ବଳକା ଅର୍ଥ ଫେରାଇବାକୁ ଜାନୁୟାରୀ ୩୧ ନିର୍ଘଣ୍ଟ କରାଯାଇଥିଲା। ତେବେ ଧାର୍ଯ୍ୟ ସମୟ ଶେଷ ହୋଇ ଆସୁଥିବାରୁ ବିଭାଗଗୁଡ଼ିକ ପାଣ୍ଠି ବିନିଯୋଗ ଏବଂ ଫେରସ୍ତ ନେଇ ସମସ୍ୟାରେ ପଡ଼ିଥିଲେ। ଏପରି କି ଚଳିତ ଆର୍ଥିକ ବର୍ଷର ଶେଷ ୩ ମାସରେ ସମସ୍ତ ବଜେଟ ଅର୍ଥ ଖର୍ଚ୍ଚ କରିବା ନେଇ ବିଭାଗଗୁଡ଼ିକ ସମସ୍ତ ବଳ ଖଟାଇଛନ୍ତି । ଏଥିଯୋଗୁ ଟ୍ରେଜେରିରେ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପାଣ୍ଠି ବିନିଯୋଗ ଓ ଫେରସ୍ତ ପାଇଁ ଏକ ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛି। ବିଭାଗଗୁଡ଼ିକ ଜାନୁୟାରୀ ୧୫ ପରିବର୍ତ୍ତେ ବିଭିନ୍ନ ଯୋଜନା ପାଇଁ ଫେବୃୟାରୀ ୨୮ ଯାଏ କାର୍ଯ୍ୟାଦେଶ ଦେଇପାରିବେ। ସେହିପରି ବଳକା ଅର୍ଥ ଫେରାଇବା ପାଇଁ ବିଭାଗଗୁଡିକୁ ଜାନୁୟାରୀ ୩୧ ପରିବର୍ତ୍ତେ ଫେବୃୟାରୀ ୧୮ ଯାଏ ସମୟ ଦିଆଯାଇଛି। ଏଥିସହିତ ବିଭିନ୍ନ ଜରୁରିକାଳୀନ ପାଣ୍ଠି, ଯନ୍ତ୍ରପାତି କ୍ରୟ, ସବ୍‌ସିଡି ଏବଂ ଋଣ ଆଦି ପାଇଁ ବିଲ୍ ଦାଖଲ ସମୟ ମାର୍ଚ୍ଚ ୯ ଯାଏ ଧାର୍ଯ୍ୟ କରାଯାଇଛି। ତେବେ ବଜେଟ ଅର୍ଥ କୌଣସି ପ୍ରକାର ସିଭିଲ ଡିପୋଜିଟ ପାଇଁ ଉପଯୋଗ କରାଯାଇ ପାରିବ ନାହିଁ ବୋଲି ଅର୍ଥ ବିଭାଗ ସ୍ପଷ୍ଟ କରିଛି। ଯଦି କୌଣସି ଡିଡିଓ କିମ୍ବା କଣ୍ଟ୍ରୋଲିଂ ଅଫିସର ବିନା ଅନୁମୋଦନରେ ବେଆଇନ ଭାବେ ଅର୍ଥ ପ୍ରଦାନ କରିବେ ସେଥିପାଇଁ ସେମାନେ ଉତ୍ତରଦାୟୀ ରହିବେ। ଏପରି କି ବେଆଇନ କାରବାର ପାଇଁ ଟ୍ରେଜେରି ଓ ସବ୍‌ଟ୍ରେଜେରି ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅର୍ଥ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ମାର୍ଚ୍ଚ ୩୧ରେ ଇଣ୍ଟିଗ୍ରେଟେଡ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍(ଆଇଏଫ୍ଏମ୍ଏସ୍) ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ ହୋଇଯିବ। ତେବେ କେନ୍ଦ୍ର ପ୍ରବର୍ତ୍ତିତ କିମ୍ବା କେନ୍ଦ୍ରୀୟ ଯୋଜନାରେ ଯୋଗାଇ ଦିଆଯାଇଥିବା ଅର୍ଥ ନ ଫେରାଇବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯଦି କେନ୍ଦ୍ରୀୟ ଅନୁଦାନ ପାଇବାରେ ବିଳମ୍ବ ହେବ ତେବେ ସମ୍ପୃକ୍ତ ବିଭାଗ ଖର୍ଚ୍ଚ ପାଇଁ ତୁରନ୍ତ ଅର୍ଥ ବିଭାଗରୁ ଧାର୍ଯ୍ୟ ସମୟ ବୃଦ୍ଧି କରିବାକୁ କୁହାଯାଇଛି। ଯଦି ଯୋଜନା କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ ଅନୁଦାନ ପ୍ରଦାନ କରାଯାଇଛି ତେବେ ତାହା ନିର୍ଦ୍ଧାରିତ ବିଷୟ ପାଇଁ ବ୍ୟାଙ୍କ ଆକାଉଣ୍ଟରେ ଜମା ନ କରି ଖର୍ଚ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ସଂଶୋଧିତ ଗାଇଡ୍‌ଲାଇନକୁ କଡ଼ାକଡ଼ି ଅନୁସରଣ କରିବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି ।


**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/MK/O/SER/ 091 Date: 03.02.2022
**Rate Contract for Single Phase Meter installation and Services in TPWODL Area**

The time period is hereby extended for Submission of Tender Participation Fee and Authorization Letter through e-mail till **18th February 2022, 1500Hrs**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.

Sd /- **Chief-Contracts and Stores**



**APPENDIX TO SCHEDULE-III**
**ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ**
**ପ୍ରେସ୍ ବିଜ୍ଞପ୍ତି**

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ କାର୍ଯ୍ୟାଳୟରେ ଏବଂ ଏହି ପରିଷଦର ୱେବ୍‌ସାଇଟ www.nackonark.inରେ ପ୍ରକାଶନ କରାଯାଇଅଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ତା୧୧।୦୨।୨୦୨୨ରିଖରୁ ତା୧୫।୦୨।୨୦୨୨ରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ସଂଶୋଧନ କରିବା ପାଇଁ ଫର୍ମ ନଂ.IIIରେ ଦରଖାସ୍ତ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୧।୦୨।୨୦୨୨ରିଖରୁ ତା୧୬।୦୨।୨୦୨୨ରିଖ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ, ସେମାନେ ମଧ୍ୟ ସଂଶୋଧନ ପାଇଁ ଫର୍ମ ନଂ.IVରେ ଦରଖାସ୍ତ ତା୧୧।୦୨।୨୦୨୨ରିଖରୁ ତା୧୬।୦୨।୨୦୨୨ରିଖ ମଧ୍ୟରେ ଦାଖଲ କରିପାରିବେ। ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କ ନାମ ସମ୍ପର୍କରେ ଆପତ୍ତି ଫର୍ମ ନଂ.IVରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫର୍ମ ନମ୍ବର III ଏବଂ IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛାପା ଫର୍ମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

ସ୍ୱା./- ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୋମପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ସୋମପୁର ଶାଖା /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ୧) ମେସର୍ସ ଶିବ ଶକ୍ତି ଷ୍ଟୋର୍ସ, ସ୍ୱତ୍ୱାଧିକାରୀ: ୰ ରବିନ୍ଦ୍ର କୁମାର ସେଠୀ, ୨) ଶ୍ରୀମତୀ ରଞ୍ଜନା ସେଠୀ (ଗ୍ୟାରେଣ୍ଟିଦାତା), ସ୍ୱାମୀ: ୰ ରବିନ୍ଦ୍ର କୁମାର ସେଠୀ/ ୩) ଶ୍ରୀ ରଶ୍ମି ରଞ୍ଜନ ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୪) ଶ୍ରୀମତୀ ବେଙ୍ଗ ବେଓ୍ୱା (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ସା: କମରପଦା, ପୋ.: ଯଶପଡା, ଜିଲ୍ଲା: କଟକ - ୭୫୪୧୩୦, ୫) ଶ୍ରୀ ସୁବାଷ ଚନ୍ଦ୍ର ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ସା: କମରପଦା, ପୋ.: ଯଶପଡା, ଜିଲ୍ଲା: କଟକ - ୭୫୪୧୩୦ | ୩୦.୦୪.୨୦୨୧ ସୁଦ୍ଧା ଟ.୩୯,୯୭,୫୭୭.୭୩ + ଚୁକ୍ତିନାମା ଅନୁଯାୟୀ ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୮.୧୦.୨୦୨୧ / ୦୮.୦୨.୨୦୨୨ | ୰ ରବିନ୍ଦ୍ର କୁମାର ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୮୮, ୧୩୮୯/୧୫୯୮ ଏବଂ ୧୩୮୯ (ଚକ ନଂ.: ୩୯୮), ଖାତା ନଂ.: ୪୯୩/୨୯ ଏବଂ ୨୫୯, କ୍ଷେତ୍ର: ଏକର୦.୬୧ ଡିସିମିଲି, ମୌଜା: କମରପଦା, ଥାନା/ ତହସିଲ: କିଶନ ନଗର, ଜିଲ୍ଲା: କଟକ |
| ୧) ଶ୍ରୀମତୀ ରଞ୍ଜନା ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୨) ରଶ୍ମି ରଞ୍ଜନ ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୩) ଶ୍ରୀମତୀ ବେଙ୍ଗ ବେଓ୍ୱା (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୪) ଶ୍ରୀ ସୁବାଷ ଚନ୍ଦ୍ର ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୫) ଶ୍ରୀମତୀ ସପନୀ ସେଠୀ (ଗ୍ୟାରେଣ୍ଟିଦାତା ୰ ଗୋବିନ୍ଦ ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୬) ହେମନ୍ତ ସେଠୀ (ଗ୍ୟାରେଣ୍ଟିଦାତା ୰ ଗୋବିନ୍ଦ ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୭) ଶ୍ରୀ ଶରତ ସେଠୀ (ଗ୍ୟାରେଣ୍ଟିଦାତା ୰ ଗୋବିନ୍ଦ ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ସା: କମରପଦା, ପୋ.: ଯଶପଡା, ଜିଲ୍ଲା: କଟକ- ୭୫୪୧୩୦ | ୩୦.୦୪.୨୦୨୧ ସୁଦ୍ଧା ଟ.୨୦,୯୦,୫୮୭/- + ଚୁକ୍ତିନାମା ଅନୁଯାୟୀ ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୮.୧୦.୨୦୨୧ / ୦୮.୦୨.୨୦୨୨ | ୧) ୰ ରବିନ୍ଦ୍ର କୁମାର ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୮୮, ୧୩୮୯/୧୫୯୮ ଏବଂ ୧୩୮୯ (ଚକ ନଂ.: ୩୯୮), ଖାତା ନଂ.: ୪୯୩/୨୯ ଏବଂ ୨୫୯, କ୍ଷେତ୍ର: ଏକର୦.୬୧ ଡିସିମିଲି, ମୌଜା: କମରପଦା, ଥାନା/ତହସିଲ: କିଶନ ନଗର, ଜିଲ୍ଲା: କଟକ, ୨) ୰ ଗୋବିନ୍ଦ ସେଠୀ, ପିତା: ୰ ଇନ୍ଦ୍ରମଣି ସେଠୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୮୬୭, ୮୨୨, ୮୨୯ ଏବଂ ୮୪୯, ଖାତା ନଂ.: ୧୪୬ ଏବଂ ୧୫୯, କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: କମରପଦା, ପୋ.: ଯଶପଡା, ଥାନା/ତହସିଲ: କିଶନ ନଗର, ଜିଲ୍ଲା: କଟକ - ୭୫୪୧୩୦ |
| ୧) ଶ୍ରୀମତୀ ରଞ୍ଜନା ସେଠୀ (କୋ-ଆପ୍ଲିକାଣ୍ଟ ଏବଂ ୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ସ୍ୱାମୀ: ୰ ରବିନ୍ଦ୍ର କୁମାର ସେଠୀ, ୨) ରଶ୍ମି ରଞ୍ଜନ ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୩) ଶ୍ରୀମତୀ ବେଙ୍ଗ ବେଓ୍ୱା (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ୪) ଶ୍ରୀ ସୁବାଷ ଚନ୍ଦ୍ର ସେଠୀ (୰ ରବିନ୍ଦ୍ର କୁମାର ସେଠୀଙ୍କ ଆଇନ୍‌ଗତ ଉତ୍ତରାଧିକାରୀ), ସମସ୍ତଙ୍କ ଠିକଣା ସା: କମରପଦା, ପୋ.: ଯଶପଡା, ଜିଲ୍ଲା: କଟକ - ୭୫୪୧୩୦, ୫) ଶ୍ରୀ ରାମ ଚନ୍ଦ୍ର ରାଉତ (ଗ୍ୟାରେଣ୍ଟିଦାତା), ପିତା: ୰ ରତ୍ନାକର ରାଉତ, ସା: ଅରଚିଲି, ପୋ.: ଯଶପଡା, ଜିଲ୍ଲା: କଟକ - ୭୫୪୧୩୦ | ୩୦.୦୪.୨୦୨୧ ସୁଦ୍ଧା ଟ.୨୩,୭୬,୯୭୭.୭୦ + ଚୁକ୍ତିନାମା ଅନୁଯାୟୀ ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୮.୧୦.୨୦୨୧ / ୦୮.୦୨.୨୦୨୨ | ୰ ରବିନ୍ଦ୍ର କୁମାର ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୮୮, ୧୩୮୯/୧୫୯୮ (ଚକ ନଂ.: ୩୯୮), ଖାତା ନଂ.: ୪୯୩/୨୯, କ୍ଷେତ୍ର: ଏକର୦.୧୧ ଡିସିମିଲି, ମୌଜା: କମରପଦା, ଥାନା/ତହସିଲ: କିଶନ ନଗର, ଜିଲ୍ଲା: କଟକ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୨.୨୦୨୨ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ମଦ ଜବତ: ୨ ଗିରଫ

**ସୋର, (ଡି.ଏନ୍.ଏ.):** ସୋର ଅବକାରୀ ବିଭାଗ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଚଢ଼ାଉ କରାଯାଇ ଏକ ପିକ୍ଅପ୍ ସହ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ଏହାସହିତ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇଜଣ ହେଲେ ମେଦିନପୁର ବିଷ୍ଣୁପୁର ଗ୍ରାମର ରାମପଦ ମାନ୍ନା(୪୫) ଓ ଭଦ୍ରକ ବନ୍ଧଗାଁ ଅଞ୍ଚଳର ଗଣେଶ ବିନ୍ଧାଣି। ସୋର ଅବକାରୀ ଅଧିକାରୀ ଲକ୍ଷେ ସାଧବ ପ୍ରଧାନ ଓ ଖଇରା ଅବକାରୀ ଅଧିକାରିଣୀ କଳ୍ପନା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ।

# ଗଡ଼ ବଞ୍ଚାଇବାକୁ ବିଜେଡିର ଉଦ୍ୟମ

## ଚାନ୍ଦବାଲି ୧ ନଂ. ଜୋନ୍‌ରେ ତ୍ରିମୁଖୀ ଲଢ଼େଇ

- ଆସନ ହାତେଇବାକୁ ଭାଜପାର ପ୍ରୟାସ
- ଦୁଇ ଦଳର ଦୁର୍ନୀତି କଥା କହୁଛି କଂଗ୍ରେସ

**ଆରଡ଼ି,୧୦।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ୧ ନଂ. ଜିଲା ପରିଷଦ ଜୋନ୍‌ରେ ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଥର ସାଧାରଣ ବର୍ଗର ପ୍ରାର୍ଥୀମାନେ ଏଠାରେ ନିର୍ବାଚନ ଲଢୁଛନ୍ତି। ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ବି ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ତ୍ରିମୁଖୀ ଲଢ଼େଇ ହେବା ସ୍ପଷ୍ଟ ହୋଇଛି।

୮ ପଞ୍ଚାୟତକୁ ନେଇ ଏହି ଜୋନ୍ ଗଠିତ। ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ, ଭୂଇଁବୃତି, ମାଧପୁର, ଘଟପୁର ଓ ଖେରଙ୍ଗ ପଞ୍ଚାୟତ ଏହି ଜୋନ୍‌ରେ ଅନ୍ତର୍ଭୁକ୍ତ। ବିଜେଡି ରାଜ୍ୟ ଛାତ୍ର ସମ୍ପାଦକ ପ୍ରିନ୍ସ ରାକେଶ ନାୟକଙ୍କୁ ଏଠାରେ ପ୍ରାର୍ଥୀ କରିଥିବା ବେଳେ ଭାଜପା ଜିଲା ଉପସଭାପତି ସୁରେଶ ସାହୁ ଓ କଂଗ୍ରେସ ଦଳର ପୁରୁଣା ସଂଗଠକ ନିମାଇଁ ଚରଣ ଦାସଙ୍କୁ ଛିଡ଼ା କରାଇଛି। ଏହି ଜିଲା ପରିଷଦ ଜୋନ୍ ଚାନ୍ଦବାଲିର ଏକ ସମ୍ବେଦନଶୀଳ ଜୋନ୍ କହିଲେ ଚଳେ। ନଦୀ ନାଳ ଘେରା ଏହି ଜୋନ୍‌ରେ ବିକାଶର ଆବଶ୍ୟକତା ରହିଥିବା ବେଳେ ଏଠାରୁ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ସମୟରେ ସୁରେଶ ସାହୁ ନିର୍ବାଚିତ ହୋଇଥିଲେ। ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ସମୟରେ ତାଙ୍କ ସାନଭାଇ ଅଜୟ ନାୟକ ଏଠାରୁ ବିକାଶର ଦୁହାଇ ଦେଇ ନିର୍ବାଚନ ଜିତିଥିଲେ। ବିଜେଡି ଏଠାରୁ ୩ଥର ଲଗାତର ଜିତି ସାରିଥିବା ବେଳେ ଚତୁର୍ଥଥର ପାଇଁ ଜିତିବାକୁ ସମସ୍ତ ରଣକୌଶଳ ଆପଣାଇଛି। ବିଧାୟକ ବ୍ୟୋମକେଶ ରାୟଙ୍କ ଏକାନ୍ତ ଅନୁଗତ ଭାବେ ପରିଚିତ ପ୍ରିନ୍ସ ରାକେଶ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ବିଜେଡି ଯୋଗୁ ବିକାଶ ସମ୍ଭବ ହୋଇଛି, ରାସ୍ତାଘାଟ ନିର୍ମାଣ ସହ ବିଜୁଳି, ପାଣି ସମସ୍ୟାର ସମାଧାନ ହୋଇଥିବା କଥା କହିବା ସହ ଆଗାମୀ ୫ ବର୍ଷରେ ଜୋନ୍‌ର ଦ୍ରୁତ ପ୍ରଗତି ହେବ ବୋଲି ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି।


ପ୍ରିନ୍ସ ରାକେଶ ନାୟକ


ସୁରେଶ ସାହୁ


ନିମାଇଁ ଚରଣ ଦାସ

ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ସୁରେଶ ସାଳନ୍ଦୀ ନଦୀ ଉପରେ ଧାନଖଣିଆ ଓ ତିନିତର ସେତୁ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ସତ୍ତ୍ୱେ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କହିବା ସହ ଏହି ଜୋନ୍‌ରେ ସେମିତି କିଛି ଆଖିଦୃଶିଆ ପ୍ରଗତି ହୋଇ ନ ଥିବା କହୁଛନ୍ତି। ସେ ଜିତିଥିବା ସମୟରେ କଉଡ଼ିଆ ପୋଲ ଓ ବିଭିନ୍ନ ଗାଁରେ ନାଳ, ଯୋର ଉପରେ ପୋଲ କରିଥିବା କହିଛନ୍ତି। ଏପଟେ କଂଗ୍ରେସ ପ୍ରାର୍ଥୀ ନିମାଇଁ ଉଭୟ ବିଜେଡି ଓ ଭାଜପା ଉପରେ ବର୍ଷିଛନ୍ତି। ଉଭୟ ଦଳ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ିରହି ଲୋକଙ୍କୁ ମିଛ ବିକାଶରେ ଭୁଆଁ ବୁଲାଉଥିବା କହିଛନ୍ତି। ଚଳିତ ନିର୍ବାଚନରେ ତାଙ୍କ ଉପରେ ଲୋକେ ଆସ୍ଥା ପ୍ରକଟ କରିଥିବା ଜୋର୍ ଦେଇ କହୁଛନ୍ତି। ପ୍ରକାଶ ଥାଉକି, ୨୦୧୭ ନିର୍ବାଚନରେ ଏହି ଜୋନ୍‌ରୁ ବିଜେଡି ପ୍ରାର୍ଥୀ ୧୨ ହଜାର ୧୯୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପା ପ୍ରାର୍ଥୀ ୧୧,୧୮୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ପାଖାପାଖି ୩ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଯୋଡ଼ା,୧୦।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଡମ୍ବରୁଧର ନାଏକ। ପୋଲିସ ସୂଚନା ଅନୁଯାୟୀ, ଡମ୍ବରୁଧର ଗତ ଏକ ବର୍ଷ ହେଲା ସମ୍ପୃକ୍ତ ୧୯ ବର୍ଷୀୟା ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ରାଜି ନ ହେବାରୁ ଯୁବତୀଙ୍କ ପରିବାର ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ବଳାତ୍କାର ମାମଲା (ନଂ.୧୯/୨୨) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

### ୪ ମଦ ବେପାରୀ ଗିରଫ

**ପାଟଣା,୧୦।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପୋଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣା ଥାନା ଖଣ୍ଡେଇପଡ଼ା ଗାଁର ସଘନ ସିଂ ମୁଣ୍ଡା, ସାଲଗେ ମାଝି, ସୁର ମାଝି ଓ ଭାଲିଆ ଡ଼ିହିର ସୁକୁମାରୀ ମାଝି। ସେମାନଙ୍କଠାରୁ ମୋଟ ୫୭୦ଲିଟର ମହୁଲି ମଦ ଜବତ ହୋଇଥିବା ବେଳେ ୧୪ ହଜାର କିଗ୍ରା ପୋଚ ନଷ୍ଟ କରାଯାଇଛି। ଅବକାରୀ ଥାନା ଅଧିକାରୀ ଜନାର୍ଦ୍ଦନ ପଲେଇଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଉପଖଣ୍ଡ ଚିକିତ୍ସାଳୟରେ ମିଳୁନି ସାଧାରଣ ଔଷଧ

**ଚମ୍ପୁଆ,୧୦।୨(ଡି.ଏନ.ଏ):** କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସାଧାରଣ ରୋଗ ପାଇଁ ଔଷଧ ମିଳୁ ନ ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଥଣ୍ଡାଜ୍ୱର, ଏସିଡିଟି ଓ କାଛୁକୁଣ୍ଡିଆ ରୋଗ ପାଇଁ ବାହାରୁ ଔଷଧ କିଣିବାକୁ ପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଧର୍ମପଦ ଦାସମହାପାତ୍ରଙ୍କୁ ପଚାରିବାରୁ ୧୫ ଦିନ ହେବ ଡାକ୍ତରଖାନାରୁ ଉକ୍ତ ଔଷଧ ସରିଯାଇଛି। ଏ ନେଇ ଚିକିତ୍ସାଳୟ ପକ୍ଷରୁ ଇଣ୍ଡେନ୍ କରାଯାଇଛି ମାତ୍ର ଔଷଧ ଆସିପାରି ନାହିଁ ବୋଲି କହିଛନ୍ତି। ୧୯୧୦ରେ ପ୍ରତିଷ୍ଠିତ ଏହି ଚିକିତ୍ସାଳୟ ଉପରେ ଝାଡ଼ଖଣ୍ଡ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ର ରୋଗୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଶତାଧିକ ରୋଗୀ ପ୍ରତ୍ୟହ ନିର୍ଭର କରୁଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଧାମନଗର,୧୦।୨:** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ଅନହରପୁର ଗ୍ରାମର ଶିକ୍ଷାବିତ୍ ତଥା ସ୍ଥାନୀୟ ନୋଡାଲ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ରାଉତ(୮୪)ଙ୍କ ବୁଧବାର ପରଲୋକ ହୋଇଛି। ସେ ପୂର୍ବାହ୍ନରେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ, ବହୁ ରାଜନୈତିକ ବ୍ୟକ୍ତି, ଶିକ୍ଷକ, ସାମାଜିକ କର୍ମୀ ଓ ପୁରାତନ ଛାତ୍ର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ବିରାଟ ପଟୁଆରରେ ତାଙ୍କ ମରଶରୀରକୁ ଭଗବାନପୁର ନୋଡାଲ ବିଦ୍ୟାଳୟ, କାଙ୍କରା ଜଗନ୍ନାଥ ବିଦ୍ୟାମନ୍ଦିର ଆଦି ସ୍ଥାନ ପରିଭ୍ରମଣ ପରେ ଶେଷକୃତ୍ୟ କରାଯାଇଥିଲା।

### ଗୋଟିଏ ରାତିରେ ୪ ଦୋକାନରୁ ଚୋରି

**ସୋର, ୧୦।୨(ଡି.ଏନ୍.ଏ.):** ସୋର ଥାନା ବାଗୁଡ଼ି ବଜାରରେ ବୁଧବାର ବିଳମ୍ବିତ ରାତିରେ ୪ଟି ଦୋକାନ ତାଲା ଭାଙ୍ଗି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ବଜାରରେ ଥିବା ଖଗେନ୍ଦ୍ର ବାରିକଙ୍କ ପରିବା ଦୋକାନର ତାଲାଭାଙ୍ଗି ଟଙ୍କା ବାକ୍ସରୁ ୧୫୦୦ଟଙ୍କା, ଶିବଶଙ୍କର ଜେନାଙ୍କ ଫଳ ଦୋକାନରୁ ୬ ହଜାର ଟଙ୍କା ସହିତ ୧୦ କିଲୋରୁ ଊର୍ଦ୍ଧ୍ୱ ସେଓ ଚୋରି କରିନେଇଛନ୍ତି। ସେହିପରି ସୁଶାନ୍ତ ପ୍ରଧାନଙ୍କ ପୂଜା ସାମଗ୍ରୀ ଦୋକାନରୁ ବାକ୍ସ ଭାଙ୍ଗି ୩୪ହଜାର ୫୦୦ଟଙ୍କା ଚୋରି କରିନେଇଥିବା ବେଳେ ବିଏସ୍ ଲେଡିସ୍ ଟେଲରରେ ତାଲାଭାଙ୍ଗି ଟଙ୍କା ବାକ୍ସ ଭାଙ୍ଗି ନ ପାରି ଚୋରି କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ସୋର ଥାନାରେ ଅଭିଯୋଗ ହେବା ପରେ ସୋର ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

## ଘର ବୁଲି ପ୍ରଚାର କଲେ ଲକ୍ଷ୍ମୀପ୍ରିୟା

**ପାଟଣା,୧୦।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ ୨୨ନଂ. ଜୋନର କଂଗ୍ରେସ ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାଏକ ବୁଧବାର ରାଜନଗର ଗାଁ ଶାଳରେ ପୂଜାର୍ଚ୍ଚନା ସାରି ପ୍ରଚାର ଆରମ୍ଭ କରିଛନ୍ତି। ରାଜନଗର ପଞ୍ଚାୟତର ରାଜନଗର, ନୂଆଗାଁ ଓ ନୂଆଖମଣ ଆଦି ଗାଁର ଘରକୁ ଘର ବୁଲି ସେ ଭୋଟ ପାଇଁ ନିବେଦନ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ସହ ପ୍ରଚାରରେ ପ୍ରଦେଶ କଂଗ୍ରେସ କମିଟି ସାମାଜିକ ଗଣମାଧ୍ୟମର ରାଜ୍ୟ ଉପ ସଭାପତି ଇଂ. ବିନୋଦ ବିହାରୀ ନାଏକ, ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘନ ସିଂ,ବରିଷ୍ଠ କଂଗ୍ରେସ ନେତା ବସନ୍ତ ମିଶ୍ର, ଜିଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିରଞ୍ଜନ ନାଏକ, ସାରଙ୍ଗ ଧର ନାଏକ, ମାନରଞ୍ଜନ ସେଠୀ, ମଙ୍ଗଳୁ ସେଠୀ ଓ ବିକ୍ରମ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ବାଇକ୍ ରାଲିରେ ପ୍ରଚାର

**ବାଲିଆପାଳ, ୧୦।୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ୨୩ନମ୍ବର ଜିଲା ପରିଷଦ ଜୋନରେ ବିଜେଡ଼ି ଗୁରୁବାର ଦିନତମାମ ପ୍ରଚାରକୁ ଜୋରଦାର କରିଛି। ବହୁ ଦଳୀୟ କର୍ମୀଙ୍କ ସହିତ ନେତୃମଣ୍ଡଳୀ ବାଇକ୍ ରାଲିରେ ସମସ୍ତ ପଞ୍ଚାୟତକୁ ଯାଇ ଭୋଟରମାନଙ୍କୁ ବିଜେଡ଼ି ସମର୍ଥିତ ପ୍ରାର୍ଥୀମାନଙ୍କୁ କରିବା ପାଇଁ ନିବେଦନ କରିଥିଲେ।

ମଧୁପୁରା ପଞ୍ଚାୟତରୁ ଅପରାହ୍ନରେ ବାଇକ ରାଲି ବାହାରି ବାଲିଆପାଳ ପଞ୍ଚାୟତରେ ପହଞ୍ଚିଥିଲା। ରାଲି ବାଲିଆପାଳ ପଞ୍ଚାୟତ ପରିକ୍ରମା କରି ଗଣେଶ ମହାନ୍ତିଙ୍କ ଘରେ ପହଞ୍ଚିବା ପରେ ସେଠାରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରାସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଜିଲା ବିଜେଡ଼ି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନମଣ୍ଡଳୀ ବିଧାୟକ ନିତ୍ୟାନନ୍ଦ ସାହୁ, ମହିଳା ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା, ବସ୍ତା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ରଙ୍କ ସହିତ ବହୁ ନେତୃମଣ୍ଡଳୀ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଦଳକୁ ଜିତେଇବା ପାଇଁ ନିବେଦନ କରିଥିଲେ।


ବିଜେଡିର ନିର୍ବାଚନୀ ପ୍ରଚାର ସଭା।

## ଏମ୍‌ଡିଏ କାର୍ଯ୍ୟକ୍ରମ ଶୁଭାରମ୍ଭ

### ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ

**ବାଲେଶ୍ୱର ଅଫିସ,୧୦।୨**

ବାଲେଶ୍ୱର ସହଦେବଖୁଣ୍ଟା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ (ଏମ୍‌ଡିଏ)କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ଯୋଗଦେଇ ଏମ୍‌ଡିଏ ପର୍ଯ୍ୟାୟଗୁଡ଼ିକ ସଫଳ କରିବା ପାଇଁ ନିରନ୍ତର ଉଦ୍ୟମ ସହ ଛାତ୍ରୀଛାତ୍ରଙ୍କୁ ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ସମ୍ବୋଧିତ କରି ନିଜେ ଔଷଧସେବନ କରିବା ସହ ପରିବାରବର୍ଗଙ୍କୁ ପ୍ରବର୍ତ୍ତାଇବା ପାଇଁ ଆହ୍ୱାନ ଦେଇଥିଲେ। ସେ ନିଜେ ଏବଂ ମଞ୍ଚରେ ଉପସ୍ଥିତ ଅନ୍ୟ ଅତିଥିବୃନ୍ଦ ଫାଇଲେରିଆ ନିରୋଧୀ ଔଷଧ ସେବନ କରିଥିଲେ। ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ମଧ୍ୟ ଫାଇଲେରିଆ ନିରୋଧୀ ଔଷଧ ସେବନ କରିଥିଲେ।

ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ଶଶାଙ୍କ ଶେଖର ଚୌଧୁରୀ ଯୋଗଦେଇ ମିଳିତ ଉଦ୍ୟମରେ ଫାଇଲେରିଆ ରୋଗର ମୂଳୋତ୍ପାଟନ କରାଯାଇପାରିବ ବୋଲି କହିଥିଲେ। ରାଜ୍ୟ ପରାମର୍ଶଦାତା ଦେବକାନ୍ତ ସନ୍ଦିବିଗ୍ରହ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତିନିଧି ଡା. ଦେବକାନ୍ତ ନାୟକ, ଜିଲା ବାହକ ବାହିତରୋଗ ପରାମର୍ଶଦାତା ଆଲୋକ କୁମାର ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ୯୨୪୯ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୯୨୫ ସୁପରଭାଇଜର, ୭୩ ରାପିଡ ରେସ୍ପନ୍ସ ଟିମ୍‌ଙ୍କୁ ବ୍ଲକଗୁଡିକରେ ନିୟୋଜିତ କରାଯାଇଛି। ଜିଲାରେ ଧାର୍ଯ୍ୟ ଲକ୍ଷ୍ୟ ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୨୩ ଲକ୍ଷ ବୋଲି ସୂଚନା ଦିଆଯାଇଥିଲା। ଜିଲା ପ୍ରକଳ୍ପ ମ୍ୟାନେଜର ଅନୀଲ କୁମାର ମହାନ୍ତି ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରମଣିକାନ୍ତ ଭଞ୍ଜ, ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ଏମ୍‌ଡିଏ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପ୍ରଚାର କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ବିଧାୟିକା

**ଚମ୍ପୁଆ,୧୦।୨(ଡି.ଏନ.ଏ)**

କଟକଣା କୋହଳ ହେବାପରେ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ଗାଁ ଗହଳିରେ ଖୋଲିବାରେ ଲାଗିଛି ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟାଳୟ। ଏହି ପରିପ୍ରେକ୍ଷୀରେ ବୁଧବାର ଚମ୍ପୁଆ ବ୍ଲକ ଦୋଲିତା ଛକଠାରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟାଳୟକୁ ସ୍ଥାନୀୟ ବିଧାୟିକା ମୀନାକ୍ଷୀ ମହାନ୍ତ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ରଜିଆ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀଭାବେ ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉଚ୍ଚ ଶିକ୍ଷିତ ପ୍ରାର୍ଥୀ ସନ୍ତୋଷ ନାଏକଙ୍କୁ ବିଜେଡି ସମର୍ଥନ କରିଛି। ଉଦ୍‌ଘାଟନୀ ଉତ୍ସବରେ ରଜିଆ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସନ୍ତୋଷଙ୍କ ସପକ୍ଷରେ ଭୋଟଦେବା ପାଇଁ ବିଧାୟିକା ମହାନ୍ତ ପଞ୍ଚାୟତବାସୀଙ୍କୁ ନିବେଦନ କରିଥିଲେ।

## ଡାକ୍ତରଖାନା ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

**କୁଆଁମରା,୧୦।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଆଁମରା ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

୮ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଉପରେ ଅଞ୍ଚଳର ୪୦ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ସୀମାନ୍ତରେ ଥିବାରୁ ଏହି ଡାକ୍ତରଖାନାର ଯଥେଷ୍ଟ ଗୁରୁତ୍ୱ ରହିଛି। ରେମୁଣା ବ୍ଲକର ଦୁର୍ଗାଦେବୀ ଅଞ୍ଚଳ, ନୀଳଗିରି ବ୍ଲକ ଓ ବଡସାହି ବ୍ଲକ ତଥା ଗୋପବନ୍ଧୁ ନଗର ବ୍ଲକର ଲୋକେ ଏହି ଡାକ୍ତରଖାନାରୁ ସେବା ପାଇ ଆସୁଛନ୍ତି। ଏହା ଅଧୀନରେ ୬ଟି ସବ୍‌ସେଣ୍ଟର କାର୍ଯ୍ୟ କରୁଛି। ଏଠାରେ ୨ ଡାକ୍ତର, ଦୁଇ ଫାର୍ମାସିଷ୍ଟ ପଦ ଥିବା ବେଳେ ଦୁଇ ବର୍ଷ ହେଲା ଡାକ୍ତର ପଦବୀ ଖାଲି ପଡ଼ିଥିଲା। ଗତ ନଭେମ୍ବରରେ ଜଣେ ମହିଳା ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେ ସପ୍ତାହରେ ୨ ଦିନ ଆସୁଛନ୍ତି। ସକାଳ ୯ଟାରେ ଆସି ୧୨ଟା ବେଳକୁ ପଳାଉଛନ୍ତି। ଡାକ୍ତରଙ୍କ ପାଇଁ ସ୍ୱତନ୍ତ୍ର କ୍ୱାର୍ଟର୍ସ ଓ ସମସ୍ତ ସୁବିଧା ଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗଦେବା ପରଠାରୁ ଉକ୍ତ କ୍ୱାର୍ଟର୍ସରେ ରହି ନାହାନ୍ତି ବୋଲି ବିକାଶ ପରିଷଦ ଅଭିଯୋଗ କରିଛି। ସେହିପରି ଦୁଇ ଫାର୍ମାସିଷ୍ଟଙ୍କ ମଧ୍ୟରୁ ୧୫ ବର୍ଷ ଧରି ଗୋଟିଏ ପଦ ଖାଲି ପଡ଼ିଛି। ଏବେ ଜଣେ ଫାର୍ମାସିଷ୍ଟଙ୍କ ହାତରେ ଚାଲିଛି ରୋଗୀ ସେବା। ତେବେ ଡାକ୍ତରଙ୍କ ଅନୁପସ୍ଥିତି ଓ ଚିକିତ୍ସା ଅଭାବରୁ ୨ଦିନ ତଳେ ଜଣେ ବରିଷ୍ଠ ନାଗରିକଙ୍କର ମୃତ୍ୟୁ ଘଟିଥିବା ବିକାଶ ପରିଷଦ ଅଭିଯୋଗ କରିଛି। ଗୁରୁବାର ପଞ୍ଚାୟତର ବରିଷ୍ଠ ନାଗରିକମାନେ ଡାକ୍ତରଙ୍କୁ ଭେଟି ଏ ନେଇ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ପଞ୍ଚାୟତ ବିକାଶ ପରିଷଦର ସଭାପତି କୁଳମଣି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡାକ୍ତରଖାନା ସମସ୍ୟା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯିବା ସହ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି। ନ ହେଲେ ଆସନ୍ତା ୧୮ ତାରିଖରେ ବିକାଶ ପରିଷଦ ପକ୍ଷରୁ ଡାକ୍ତରଖାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ପରିଷଦର ସମ୍ପାଦକ ବିମଳ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ବରିଷ୍ଠ ନାଗରିକ ରବିକାନ୍ତ ଜେନା, ଦେବେନ୍ଦ୍ର ପଣ୍ଡା, ଅରୁଣ କୁମାର ମଜୁଆଳ, ଦୟାନିଧି ଦାସ, ପଙ୍କଜ ମହାପାତ୍ର, ରାମଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଏଥର ଭାଜପା-ବିଜେଡି ମୁହାଁମୁହିଁ

**ସଜନାଗଡ଼, ୧୦।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ୧୨ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପାରୁ ଅନୀତା ସିଂ ଓ ବିଜେଡିରୁ ରଞ୍ଜିତା ସିଂ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ଉଭୟ ପ୍ରାର୍ଥିନୀ ପଞ୍ଚାୟତ, ସାହି ଏବଂ ୱାର୍ଡ଼ରେ ବୁଲିବା ସହ ଲୋକଙ୍କ ମୌଳିକ ସମସ୍ୟାକୁ ବୁଝିବା ସହ ଆସନ୍ତା ଦିନର ପ୍ରତିଶ୍ରୁତି ଦେଇ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି।

୨୦୧୭ ନିର୍ବାଚନରେ ଭାଜପାରୁ ବିଜୟୀ ହୋଇଥିବା ରଞ୍ଜିତା ଏଥର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଉକ୍ତ ଜୋନରେ ବହୁ ସମସ୍ୟା ଥିବାରୁ ଉଭୟ ପ୍ରାର୍ଥୀଙ୍କ ପାଇଁ ଭୋଟରଙ୍କୁ ମନେଇବା ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି। ବିଜେଡି ପ୍ରାର୍ଥିନୀଙ୍କ ପୂର୍ବକାର୍ଯ୍ୟକଳାପ ସନ୍ତୋଷଜନକ ନ ଥିବାରୁ ଏଥର ଭୋଟର ଭାଜପା ପ୍ରତି ଢଳୁଥିବା ଭାଜପା ପ୍ରାର୍ଥିନୀ ଅନୀତା କହିଛନ୍ତି।



୧୨ନଂ. ଜୋନ୍ ଭାଜପା ପ୍ରାର୍ଥିନୀ ଅନୀତା ସିଂ(ବାମରୁ ଦ୍ୱିତୀୟ)ଙ୍କ ନିର୍ବାଚନୀ ପ୍ରଚାର।

## ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ: ଅନନ୍ତପୁର ଚାମ୍ପିୟନ

**ଖୁଣ୍ଟା,୧୦।୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ମିନିଷ୍ଟାଡିୟମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗ୍ରାହକ ସେବାକେନ୍ଦ୍ର ଏବଂ ଅନୁସୟା ଏଜେନ୍ସି ସହାୟତାରେ ଜୟ ହନୁମାନ ଭଲିବଲ୍ କ୍ଲବ ଆନୁକୂଲ୍ୟରେ ୫ମ ବାର୍ଷିକ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଜିଲା ବାହାରୁ ମୋଟ ୬ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଜିଲା ଭଲିବଲ ଆସୋସିଏଶନର ସମ୍ପାଦକ ମନୋରଞ୍ଜନ ଗାନ୍ଧୀ ଓ ଆଥ୍‌ଲେଟିକ ଆସୋସିଏଶନର ସଦସ୍ୟ ପ୍ରଦୋଷ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁସ୍କାନ ଟିମ୍ ବାରିପଦା ଓ ବାଲେଶ୍ୱର ଜିଲା ବାଲିଆପାଳର ମାଧୁପୁରା ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ସାଇଁକୁଲାକୁ ହରାଇ ବାଲେଶ୍ୱର ଅନନ୍ତପୁର ଟିମ୍ ଚାମ୍ପିୟନ ହୋଇଛି। ଅତିଥି ଭାବେ ପ୍ରଦୋଷ କୁମାର ଦାସ, ଅଭିଜିତ ପ୍ରମାଣିକ, ଜୟ ହନୁମାନ ଭଲିବଲ କ୍ଲବ ସଭାପତି ସଂଗ୍ରାମ କେଶରୀ ପରିଡ଼ା, ସମ୍ପାଦକ ରୋହିତ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ।

## ସ୍ୟାଣ୍ଡସିଟ୍ କ୍ରିକେଟ୍ କପ୍: ସମ୍ରାଟ୍ କ୍ଲବ ବିଜୟୀ

**ବାଲେଶ୍ୱର ଅଫିସ, ୧୦।୨**

ବାଲେଶ୍ୱର ପରମିଟ୍ ପଡ଼ିଆ ଆନୁକୂଲ୍ୟରେ ଗୁରୁବାର ପ୍ରଥମ ସ୍ୟାଣ୍ଡସିଟ୍ କ୍ରିକେଟ୍ କପ୍-୨୦୨୨ର ଆୟୋଜିତ ହୋଇଛି। ମୋଟ୍ ୮ଟି ଦଳ ଭାଗ ନେଇଛନ୍ତି। ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍ ସମ୍ରାଟ୍ କ୍ଲବ ଓ ବିସିଏ ଦଳ ମଧ୍ୟରେ ହୋଇଥିଲା। ସମ୍ରାଟ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ୍ ବିନିମୟରେ ୨୩୩ ରନ୍ କରିଥିଲା। ଦଳ ପକ୍ଷରୁ ନରୋତ୍ତମ ଭଞ୍ଜ ୧୩୨ ରନ୍ ସଂଗ୍ରହ କରିଥିଲେ। ସେହିପରି ବିସିଏ ପକ୍ଷରୁ ଜାଭେଦ୍ ହୁସେନ୍ ୬ ଓଭରରେ ୪୯ ରନ୍ ଦେଇ ୫ଟି ଉଇକେଟ୍ ହାସଲ କରିଥିଲେ। ଜବାବରେ ବିସିଏ ଦଳ ୨୩୪ ରନ୍‌ର ବିଶାଳ ସ୍କୋରକୁ ପିଛା କରି ମାତ୍ର ୧୨୮ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସ୍ୱରୂପ ଜୋସେଫ ୩୨ ରନ୍ କରିଥିଲେ। ସମ୍ରାଟ କ୍ଲବ ପକ୍ଷରୁ ଅଭିନାଶ ପାତ୍ର ଏବଂ ତାରାକାନ୍ତ ବିଶ୍ୱାଳ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ସୁଜିତ ଦାସ ଏବଂ ବିବେକାନନ୍ଦ ଚୌଧୁରୀ ପରିଚାଳନା କରିଥିଲେ। ସୌମେନ୍ଦ୍ର ସାହୁ ଓ ରାହୁଲ ସିଂ ସ୍କୋରର ଦାୟିତ୍ୱ ଏବଂ ସମୀର ଡେଭିଡ୍ ଭକ୍ତା ଓ ବି. ସିମରନ୍ କମେଣ୍ଟେଟର ଭାବେ କାର୍ଯ୍ୟନିର୍ବାହ କରିଥିଲେ। ସମ୍ରାଟ କ୍ଲବର ଖେଳାଳି ନରୋତ୍ତମ ଭଞ୍ଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ଜିଲା କ୍ରିକେଟ୍ ସମ୍ପାଦକ ସୁଜୟ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଅମର ମହାନ୍ତି ଓ ଜଏଣ୍ଟ ସମ୍ପାଦକ ସଞ୍ଜୟ ଲେଙ୍କା ଯୋଗଦେଇଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ଖଣ୍ଡାରେ ହାଣି ବାଇକ୍ ଛଡ଼ାଇ ନେଲେ

**ସୋର, ୧୦।୨(ଡି.ଏନ.ଏ.):** ସୋର କଲେଜଛକ ନିକଟରେ ବୁଧବାର ରାତି ପ୍ରାୟ ସାଢେ ୯ଟାରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ତାଙ୍କଠାରୁ ୬ହଜାର ଟଙ୍କା ଏବଂ ତାଙ୍କ ବୁଲେଟ ଛଡ଼ାଇ ନେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବକ ଜଣଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋର ପୌରପରିଷଦ ଅଧୀନ ଇଟୁଆ ଗ୍ରାମର ରମେଶ ପ୍ରଧାନ ରାତିରେ ଚଣ୍ଡିଖୋଲରୁ ତାଙ୍କ ବୁଲେଟରେ ଘରକୁ ଫେରୁଥିଲେ। ସ୍କୁଲ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଖଣ୍ଡାରେ ହାଣିଦେଇଥିଲେ। ତାଙ୍କ ନିକଟରେ ଥିବା ୬ ହଜାର ଟଙ୍କା ଛଡ଼ାଇ ନେବା ସହିତ ତାଙ୍କ ନୂଆ ବୁଲେଟକୁ ଛଡ଼ାଇ ନେଇ ପଳାଇଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୋର ଥାନାରେ ଅଭିଯୋଗ ହୋଇଛି।

## ଗୋଟି ଚଳାଉଛନ୍ତି ଗୋଲକ, ସନାତନ

### ବଡ଼ସାହି ବ୍ଲକ ୨୩ ଓ ୨୪ନଂ. ଜିଲାପରିଷଦ ଜୋନ୍

**ବାରିପଦା ଅଫିସ,୧୦।୨**

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ବଡ଼ସାହି ବ୍ଲକର ୨୩ ଓ ୨୪ନଂ. ଜିଲାପରିଷଦ ଜୋନରେ ପ୍ରଚାର ସରଗରମ ହେବାରେ ଲାଗିଛି। ବିଧାୟକ ସନାତନ ବିଜୁଳି ଭାଜପା ପ୍ରଚାର ମଙ୍ଗ ଧରିଥିବା ବେଳେ ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାୟକ ବିଜେଡି ପାଇଁ ଗୋଟି ଚାଳନା କରୁଛନ୍ତି। ୨୦୧୭ ନିର୍ବାଚନରେ ଏହି ଦୁଇଟି ଆସନ ଭାଜପା ଖାତାକୁ ଯାଇଥିବା ବେଳେ ଚଳିତ ନିର୍ବାଚନରେ ଏହାକୁ ବିଜେଡି ଅକ୍ତିଆର କରିବା ସକାଶେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ ଦେଇଛି। ଆସନ୍ତା ୨୦ରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ରାଜନୀତିରେ ପୁରୁଖା ଓ ନୂଆ ମୁହଁଙ୍କ ମଧ୍ୟରେ ବଳ କଷାକଷି ଦେଖିବାକୁ ମିଳୁଛି। ଏହି ଦୁଇଟି ଜୋନର ଫଳାଫଳ ଗୋଲକ ଓ ସନାତନଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

୨୩ନଂ. ଜୋନଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଶିଆଳୀଘାଟୀ, ପାଉଁଶିଆ, ବଳଭଦ୍ରପୁର, ବଡ଼ସାହି, ତାଳପଦା, ଛେଳିଆ(କ), ସୁହାଗପୁର, ଯୋଗୀନୂଆଗାଁ, କୋଚିଲାଖୁଣ୍ଟା ଓ ମାଧପୁରକୁ ମିଶାଇ ୧୦ ପଞ୍ଚାୟତର ୩୫ହଜାର ୮୦୬ଭୋଟର ଏଠାରେ ମତଦାନ କରିବେ। ପୂର୍ବତନ ମନ୍ତ୍ରୀ ଗୋଲକ ନାଏକଙ୍କ ସ୍ତ୍ରୀ ସୁବାସିନୀଙ୍କୁ ବିଜେଡି ଏଠାରେ ପ୍ରାର୍ଥୀ କରିଥିବା ବେଳେ ଭାଜପା ପକ୍ଷରୁ ସଞ୍ଜୁଲତା ବିଶ୍ୱାଳ ଓ କଂଗ୍ରେସ ପକ୍ଷରୁ ଇନ୍ଦୁମଣୀ ନାଏକ ଦଳୀୟ ଟିକଟ ପାଇ ନିର୍ବାଚନ ଲଢୁଛନ୍ତି।

ସେହିପରି ୨୪ନଂ. ଜିଲାପରିଷଦ ଜୋନଟି ଦୁର୍ଗାପୁର, ଚନ୍ଦନପୁର, ମାଣତ୍ରୀ,ମାନଗୋବିନ୍ଦପୁର,ଶାଳଗାଁ, ଭୀମଦା, ପଟିସାରୀ, ଦେଉଳିଆ ଓ କେନ୍ଦୁଡିହା ଆଦି ୯ଟି ପଞ୍ଚାୟତକୁ ନେଇ ଗଠିତ। ଏହି ଜୋନର ମୋଟ ଭୋଟର ସଂଖ୍ୟା ୩୭ହଜାର୨୬୬। ଚଳିତ ଥର ଆସନଟି ଅନୁସୂଚିତ ଜାତି ପୁରୁଷଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜଗନ୍ନାଥ ମଲ୍ଲିକଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପା ପକ୍ଷରୁ ଦୈତାରୀ ମହାଳିକ ଓ କଂଗ୍ରେସରୁ ସଞ୍ଜୟ ସେଠୀ ପ୍ରାର୍ଥୀ ହୋଇଛନ୍ତି। ଏଥର ଅଭିଜ୍ଞ ତଥା ନୂଆ ଚେହେରାଙ୍କୁ ବିଜେଡି ଟିକଟ ଦେଇ ଉଭୟ ଆସନ ଭାଜପା ହାତରୁ ଛଡ଼ାଇ ନେବାକୁ ଯୋଜନା କରିଥିବା ବେଳେ ଭାଜପା ବିଧାୟକ ସନାତନ ବିଜୁଳି ଦୁଇଟି ଆସନକୁ ପୂର୍ବବତ ବଜାୟ ରଖିବା ପାଇଁ ସମସ୍ତ କୌଶଳ ପ୍ରୟୋଗ କରୁଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ୧ କେଜି ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ସୋର, ୧୦।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ଉତ୍ତରେଶ୍ୱର ଛକଠାରେ ଥିବା ଏକ ହୋଟେଲ ସମ୍ମୁଖରୁ ଜଣେ ଯୁବକଙ୍କଠାରୁ ୧କେଜି ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କ ଗିରଫ କରାଯାଇଛି। ଗିରଫ ଯୁବକଙ୍କ ଘର ସୋର ଥାନା କାଜିମହଲା ଅଞ୍ଚଳର ସେକ୍ ବାବୁ (କଲିମ)। ଗତ ମଙ୍ଗଳବାର ରାତିରେ ଭୁବନେଶ୍ୱରସ୍ଥିତ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ କରାଯାଇ ଉକ୍ତ ଯୁବକଙ୍କୁ ଭୁବନେଶ୍ୱର ନିଆଯାଇଛି।

### ବାସି ଖାଦ୍ୟ ନଷ୍ଟ କଲା ପ୍ରଶାସନ

**ଯୋଡ଼ା,୧୦।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ବିଭିନ୍ନ ଖାଦ୍ୟ ଷ୍ଟଲ,ହୋଟେଲଗୁଡ଼ିକରେ ପୌରପାଳିକା ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ବୁଧବାର ପୌରପାଳିକାର ଖାଦ୍ୟ ନିରୀକ୍ଷକ ରଶ୍ମିତା ବେହେରା ଓ ସ୍କ୍ୱାଡ୍ ସହରରେ ଥିବା ଖାଦ୍ୟ ଷ୍ଟଲ ଓ ବିଭିନ୍ନ ହୋଟେଲରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ବାସି ଖାଦ୍ୟକୁ ନଷ୍ଟ କରାଯିବ ସହ ମୋଟ ୧୭ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି।

### ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଉଦଳା,୧୦।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାରିପଦା-ଉଦଳା ମୁଖ୍ୟ ରାସ୍ତାର ଅଦାପାଳ ଛକ ନିକଟରେ ଗୁରୁବାର ବସ୍ ଧକ୍କାରେ ଜଣେ ବାଇକ୍ ଅରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରିପଦା ଷ୍ଟେଶନ ବଜାର ସୁନାମୁହିଁ ଅଞ୍ଚଳର ଅଜିତ ମିଶ୍ର। ସେ ଉଦଳାରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଉଦଳା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ପରିବାର ମୁହଁରେ ହସ ଫୁଟାଉଛନ୍ତି ପୁଷ୍ପିତା

**ବାରିପଦା ଅଫିସ, ୧୦।୨**


ସାଇକେଲ ମରାମତି କରୁଛନ୍ତି ପୁଷ୍ପିତା।

## ସ୍ୱାବଲମ୍ବୀ କରାଇଛି ଦୃଢ଼ ଇଚ୍ଛାଶକ୍ତି

ଆବଶ୍ୟକ ପଡ଼ିଲେ ନାରୀଟିଏ ପଦାକୁ ଗୋଡ଼ କାଢ଼ି ସବୁ କିଛି କରିପାରିବ। ମୁରବୀଙ୍କ ହାତ ଉଠିଗଲେ, ନିଜେ ସ୍ୱାବଲମ୍ବୀ ହୋଇ ପରିବାର ଚଳାଇବା ହେଉ କି, ସାନଭଉଣୀ, ଭାଇଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିବାର ଲକ୍ଷ୍ୟ ହେଉ ସବୁ କିଛି ଦୃଢ଼ ଇଚ୍ଛାଶକ୍ତି ଥିଲେ ସମ୍ଭବ ହୋଇପାରିବ। ଏହାକୁ ପ୍ରମାଣିତ କରିଛନ୍ତି ମୟୂରଭଞ୍ଜ ଜିଲା ଦାନ୍ତିଆମୁହାଁ ଗ୍ରାମର ପୁଷ୍ପିତା ଦେଓ। ଏବେ ତାଙ୍କୁ ବୟସ ୨୫। ଆଇଟିଆଇ ପାସ୍ କରିଥିବା ପୁଷ୍ପିତା ପିତାଙ୍କ ମୃତ୍ୟୁ ପରେ ତାଙ୍କ ସାଇକେଲ ମରାମତି ଦୋକାନକୁ ସମ୍ଭାଳି ପରିବାର ମୁହଁରେ ହସ ଫୁଟାଇଛନ୍ତି।

ପରିବାରରେ ପୁଷ୍ପିତାଙ୍କୁ ମିଶାଇ ୬ ଭଉଣୀ, ମା' ଅଞ୍ଜନା ଓ ଜଣେ ସାନ ଭାଇ ଓମଜିତ୍ ଅଛନ୍ତି । କିଛି ବର୍ଷ ପୂର୍ବେ ବଡ଼ ଦୁଇଭଉଣୀଙ୍କୁ ବାପା ବିବାହ କରିଦେଇଥିଲେ । ବର୍ଷକ ପୂର୍ବରୁ ମହାମାରୀ କରୋନାରେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାରରେ ଥିବା ୬ଜଣ କିପରି ଚଳିବେ ସେନେଇ ଭାଳେଣି ପଡ଼ିଲା। ଘରର ଆବଶ୍ୟକତାକୁ ନଜରରେ ରଖି ଦୃଢ଼ ମନୋବଳ ନେଇ ପୁଷ୍ପିତା ବାପାଙ୍କ ସାଇକେଲ ଦୋକାନକୁ ଚଳାଇବା ଆରମ୍ଭ କଲେ । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଳଛପର ଘରେ ଥିବା ଦୋକାନକୁ ଖୋଲି ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛନ୍ତି। ସାଇକେଲ ମରାମତି କରି ଦିନକୁ ୪ଶହରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଥିଲେ ମଧ୍ୟ ପରିବାର ପାଇଁ ସେତିକି ଯଥେଷ୍ଟ ହେଉ ନ ଥିଲା। ଶେଷରେ ସେ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସିଲେଇ କାମ ଆରମ୍ଭ କଲେ । ଦିନକୁ ୧୫ଘଣ୍ଟା ପରିଶ୍ରମ କରି ସେ ପରିବାର ମୁହଁରେ ହସ ଫୁଟାଇ ପାରିଛନ୍ତି। ୨୦୧୭ରେ ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମକେନ୍ଦ୍ରରୁ ଆଇଟିଆଇ ପାଠପଢ଼ି କାର୍ଯ୍ୟରେ ଲଗାଇପାରିଥିବାରୁ ସମସ୍ତ ଶ୍ରେୟ ସେ ତାଙ୍କର ସ୍ୱର୍ଗତ ପିତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ତେବେ ସରକାରୀ ଯୋଜନା ମଧ୍ୟରେ ତାଙ୍କ ପରିବାରକୁ ଆବାସଟିଏ ମିଳିଥିବା ବେଳେ ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଭଉଣୀ ଭାଇଙ୍କୁ ସରକାରୀ ଆଶ୍ରମ ବିଦ୍ୟାଳୟରେ ପାଠ ପଢ଼ିବାକୁ ସୁଯୋଗ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ବ୍ୟବସାୟକୁ ବଢ଼ାଇବା ପାଇଁ ସରକାରୀ ସହାୟତା ମିଳିଲେ ଅନ୍ୟ ଭଉଣୀମାନେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଛନ୍ତି।

# ଛଉ ନୃତ୍ୟର ପୁନରୁଦ୍ଧାର ପାଇଁ ସମୀକ୍ଷା

**ବାରିପଦା ଅଫିସ, ୧୦।୨:** ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଗୁରୁବାର ମୟୂରଭଞ୍ଜ ଜିଲା ବାରିପଦା ଗସ୍ତରେ ଆସି ଛଉନୃତ୍ୟର ପୁନରୁଦ୍ଧାର ନିମନ୍ତେ ସମୀକ୍ଷା କରିଛନ୍ତି । ଜିଲାପାଳ ବିନୀତ ଭରଦ୍ୱାଜ, କୁଳପତି କିଶୋର କୁମାର ବସା, ଅତିରିକ୍ତ ଜିଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସହିତ ସଚିବ ପାଢ଼ୀ ଛଉନୃତ୍ୟର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ପ୍ରଥମେ ବାରିପଦାସ୍ଥିତ ଜିଲା ସଂସ୍କୃତି ଭବନକୁ ପରିଦର୍ଶନରେ ଯାଇ ପରିସ୍ଥିତି ସମ୍ପର୍କରେ ଅବଗତ ହେବା ପରେ ବାରିପଦା ମ୍ୟୁଜିୟମ, ଜିଲା ଲାଇବ୍ରେରୀ, ପ୍ରୋଜେକ୍ଟ ଛାଉଣୀ ଏବଂ ଛଉ ମଇଦାନରେ ଥିବା ଛଉ ମଣ୍ଡପକୁ ବୁଲିଛନ୍ତି । ପରେ ସର୍କିଟ ହାଉସରେ ଛଉ ନୃତ୍ୟ ଗୁରୁ, ଉତ୍ତରସାହି ଓ ଦକ୍ଷିଣସାହି ଛଉ କଳାକାର, ପ୍ରୋଜେକ୍ଟ ଛାଉଣୀର କର୍ମକର୍ତ୍ତାମାନଙ୍କୁ ନେଇ ଛଉର ପୁନରୁଦ୍ଧାର କରିବା ଓ ଛଉର ଭବିଷ୍ୟତ ସମ୍ପର୍କରେ ବିଧିବଦ୍ଧ ଆଲୋଚନା କରିଛନ୍ତି। ପ୍ରୋଜେକ୍ଟ ଛାଉଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ, ଅନ୍ୟତମ ନିର୍ଦ୍ଦେଶକ ବିଭୂଦତ୍ତ ଦାସ, କାର୍ତ୍ତିକେଶ୍ୱର ରଣା, କୃଷ୍ଣଚନ୍ଦ୍ର ଦାସ, ଦିଲୀପ ମିଶ୍ର ଓ ଲୋକନାଥ ଦାସ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

# ଐତିହ୍ୟ କାଳୀପଡ଼ିଆ ପାଲଟିଛି ପାର୍କିଂୟାର୍ଡ

**କେନ୍ଦୁଝର,୧୦।୨ (ସ୍ୱ.ପ୍ର.):** କେନ୍ଦୁଝର ସହରର ଐତିହ୍ୟ ସମ୍ପନ୍ନ କାଳିପଡ଼ିଆରେ କିଛି ବର୍ଷ ହେଲା ଗାଡି ପାର୍କିଂ, ବାଲି ଓ ଚିପ୍ସ ଆଦି ଗଦା କରାଯାଉଥିବାରୁ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଛି। ଉପଯୁକ୍ତ କଟକଣା ଅଭାବରୁ ସହରର ପ୍ରମୁଖ ସ୍ଥାନରେ ଥିବା ଏହି ପଡ଼ିଆ ଏବେ ପାର୍କିଂ ଓ ଡମ୍ପିଂ ୟାର୍ଡ ପାଲଟିଛି। ଏହା ଦ୍ୱାରା ହ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପୂର୍ବରୁ ଏହି ପଡ଼ିଆରେ ମୀନାବଜାର, ପ୍ରଦର୍ଶନୀ, ମେଳା ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଥିଲା। କୋଭିଡ୍ କଟକଣା ଯୋଗୁ ଗତ ୨ ବର୍ଷ ହେଲା ସବୁ କାର୍ଯ୍ୟକ୍ରମ ବନ୍ଦ ରହିଛି। ଏବେ ଏହି ପଡ଼ିଆରେ ଏବେ ଟ୍ରକ୍ ଓ ବସ୍ ରହୁଥିବାବେଳେ ଏହା ବ୍ୟବସାୟିକ ସ୍ଥଳୀରେ ପରିଣତ ହୋଇଛି। ଏଥିରୁ ସରକାର କୌଣସି ଲାଭ ପାଉ ନ ଥିଲେ ହେଁ କେତେଜଣ ବ୍ୟକ୍ତି ଲାଭବାନ ହେଉଛନ୍ତି। ପୌରପାଳିକା ବସଷ୍ଟାଣ୍ଡ ରହିଥିଲେ ହେଁ ଅନେକ ବସ୍ ଏଠାରେ ପାର୍କିଂ କରୁଥିବାରୁ ପୌରପାଳିକାର କ୍ଷତି ହେଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।




## ପ୍ରତିରକ୍ଷା ବିଭାଗର ନିର୍ମାଣାଧୀନ ରାସ୍ତାକୁ ଓଟିରୋଡ୍ ସଂଯୋଗ ଦାବି

# ଗଣଧାରଣା ଦେଲେ ସ୍ଥାନୀୟ ଲୋକେ

**ବାଲେଶ୍ୱର ଅଫିସ, ୧୦।୨**

ବାଲେଶ୍ୱର ଜିଲା ଚାନ୍ଦିପୁରରେ ଥିବା କେନ୍ଦ୍ର ସରକାରଙ୍କର ପ୍ରତିରକ୍ଷା ପ୍ରତିଷ୍ଠାନ ପକ୍ଷରୁ କୁରୁଡ଼ାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ୭୬କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ରାସ୍ତାକୁ ଓଟିରୋଡ୍ ସହ ତାମୁଲିଆ ରେଳଫାଟକ ନିକଟରେ ସଂଯୋଗ ପ୍ରସ୍ତାବକୁ ବାତିଲ୍ କରାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ମେଘଡମ୍ବରୁ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଲୋକେ ତାମୁଲିଆ ଫାଟକ ନିକଟରେ ଗଣଧାରଣା ଦିଆଯାଇଥିଲା।


ମେଘଡମ୍ବରୁ ବିକାଶ ପରିଷଦ ପକ୍ଷରୁ ଗଣଧାରଣା।

ପ୍ରାୟ ୩ଶହ ମିଟର ରାସ୍ତାକୁ ସଂଯୋଗ କରାଗଲେ ବାଲେଶ୍ୱର ସହରକୁ ଏକ ନୂତନ ସଂଯୋଗ ରାସ୍ତାର ସୁଯୋଗ ମିଳିବା ସହ କଟକ, ଭୁବନେଶ୍ୱରରୁ ଆସୁଥିବା ଯାନବାହନଗୁଡ଼ିକ ତାମୁଲିଆ ଓଭରବ୍ରିଜ୍ କିମ୍ବା ପ୍ରସ୍ତାବିତ ସଂଯୋଗ ରାସ୍ତାକୁ ବ୍ୟବହାର କରିପାରିବେ। ଉକ୍ତ ୩ଶହ ମିଟର ରାସ୍ତା ନିର୍ମାଣ ପାଇଁ ସେଠାରେ ଦୀର୍ଘବର୍ଷ ଧରି ବାସ କରୁଥିବା ପରିବାରମାନଙ୍କୁ ଉଚ୍ଛେଦ କରାଯାଇଛି। କିନ୍ତୁ ବର୍ତ୍ତମାନ ଉକ୍ତ ସଂଯୋଗ ରାସ୍ତା ନିର୍ମାଣ ପ୍ରସ୍ତାବ ବାତିଲ୍ ହୋଇଥିବା ଜାଣିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ବାଲେଶ୍ୱର ସହରର ବହୁ ବୁଦ୍ଧିଜୀବୀ ପ୍ରତିରକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଧାରଣାକାରୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଦାବିପତ୍ର ସୁବିଚାର ନ ହେଲେ ବ୍ୟାପକ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ପରିଷଦ ଆବାହକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ନିରଞ୍ଜନ ପରିଡ଼ା, ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜିଲାବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଜିଲାପାଳ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। କମଳାକାନ୍ତ ଦାଶ, ଯୁଧିଷ୍ଠିର ପରମାଣିକ, ଭରତ ବିକ୍ରମ ମହାଳିକ, ନିରାକାର ରାୟ, ସୀତାଂଶୁ ଲେଙ୍କା, ସ୍ମୃତିପ୍ରିୟା ରାଉତ,

# ପରୀକ୍ଷା ବାତିଲ ଦାବିରେ ରାସ୍ତାରୋକୋ

**ଭଦ୍ରକ ଅଫିସ, ୧୦।୨**

ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଗୁରୁବାର ଜାତୀୟ ରାଜପଥ ଅବରୋଧ କରିଥିଲେ। ଭଦ୍ରକ କଲେଜଠାରୁ ଶୋଭାଯାତ୍ରାରେ ଆସି ୧୬ ନଂ. ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ପ୍ରାୟ ଦୁଇଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କରୋନା ମହାମାରୀ କାରଣରୁ କଲେଜ ପାଠପଢ଼ା ହୋଇପାରି ନ ଥିବାବେଳେ ରାଜ୍ୟ ସରକାର ଯୁକ୍ତ ୨ ପରୀକ୍ଷା କରିବା ପାଇଁ ସ୍ଥିର କରିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସମାଲୋଚନା କରିଥିଲେ ଛାତ୍ରୀଛାତ୍ର। ଏହି ଅଫ୍‌ଲାଇନ ପରୀକ୍ଷାକୁ ବାତିଲ କରାଯିବାକୁ ସେମାନେ ଦାବି କରିଛନ୍ତି। ଶେଷରେ ପୋଲିସ ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ କରିଥିଲେ।



ଜାତୀୟ ରାଜପଥରେ ଧାରଣାରତ ଛାତ୍ରୀଛାତ୍ର।

# 'ଭୋଟର ତାଲିକାରେ ନାଁ ନ ଥିଲେ ଯୋଡ଼ି ହେବ'

**କେନ୍ଦୁଝର,୧୦।୨(ସ୍ୱ.ପ୍ର./ଡି.ଏନ.ଏ.)**

- ଜିଲା ପ୍ରଶାସନ-ରାଜନୈତିକ ଦଳ ପ୍ରତିନିଧି ବୈଠକ
- ପୌର ନିର୍ବାଚନ ଭୋଟର ତାଲିକା ପ୍ରକାଶନ ଓ ମତଦାନ କେନ୍ଦ୍ର ଚୂଡ଼ାନ୍ତ ନେଇ ଅଲୋଚନା

କେନ୍ଦୁଝର ଜିଲାର କେନ୍ଦୁଝରଗଡ଼, ବଡ଼ବିଲ, ଯୋଡା, ଆନନ୍ଦପୁର ପୌରପାଳିକା ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦରେ ହେବାକୁ ଥିବା ନିର୍ବାଚନ ପାଇଁ ଭୋଟର ତାଲିକାର ପ୍ରାଥମିକ ପ୍ରକାଶନ ଏବଂ ମତଦାନ କେନ୍ଦ୍ର ଚୂଡ଼ାନ୍ତ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଜିଲା ପ୍ରଶାସନର ଏକ ବୈଠକ ଗୁରୁବାର ଦରବାରହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୦୨୨ ଜାନୁୟାରୀ ୧କୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ଭୋଟର ତାଲିକା ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଭୋଟର ତାଲିକା ଫେବୃଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଭୋଟରମାନେ ସେମାନଙ୍କ ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ତାଲିକାଭୁକ୍ତ ହୋଇଛି କି ନାହିଁ, ତାହା ତନଖି ପାରିବେ। ସୂଚନାଯୋଗ୍ୟ ଯେ କେନ୍ଦୁଝରଗଡ଼ ପୌରପାଳିକା ପାଇଁ କେନ୍ଦୁଝର ଉପଜିଲାପାଳ, ବଡ଼ବିଲ ପୌରପାଳିକା ପାଇଁ ଚମ୍ପୁଆ ଉପଜିଲାପାଳ, ଯୋଡ଼ା ପୌରପାଳିକା ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ), ଆନନ୍ଦପୁର ପୌରପାଳିକା ପାଇଁ ଆନନ୍ଦପୁର ଉପଜିଲାପାଳ ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଚମ୍ପୁଆ ତହସିଲଦାର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି ।

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରସ୍ତାବିତ ବୁଥ୍ ତାଲିକା ଚଳିତ ଫେବୃଆରୀ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଯିବ । ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା, ସଂଶୋଧନ କରିବା ପାଇଁ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ, ସେମାନେ ମଧ୍ୟ ସଂଶୋଧନ ପାଇଁ ନିର୍ଦ୍ଧାରିତ ଫାରମ୍‌ରେ, ଦରଖାସ୍ତ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଫେବୃୟାରୀ ୧୧ରୁ ୧୬ ତାରିଖ ମଧ୍ୟରେ ଦାଖଲ କରିପାରିବେ। ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଭୋଟର ତାଲିକାର ପ୍ରାଥମିକ ପ୍ରକାଶନ ଏବଂ ବୁଥ୍ ଚୂଡ଼ାନ୍ତ ସମ୍ପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତୀମୟ, ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁର, ଚମ୍ପୁଆ ତହସିଲଦାର ଡ. ସାଇ ସସ୍ମିତା ହୋତା, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ ଏବଂ ଫିରୋଜ ଖାନ୍, ସମ୍ପୃକ୍ତ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।


ବୈଠକରେ ଉପସ୍ଥିତ ଜିଲା ପ୍ରଶାସନିକ ଅଧିକାରୀମାନେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ